ସଂରକ୍ଷଣ ମୁକ୍ତ ମୋକଦ୍ଦମା ସଂଖ୍ୟା -୧୭/୨୦୨୩
(De-Reservation Case No -17/2023)

## ତହସିଲଦାରଙ୍କ କାର୍ଯ୍ୟାଳୟ ଡେଲାଙ୍ଗ, ଜିଲ୍ଲା ପୁରୀ

ଇ-ମେଲ୍: id-tah.delanga-od@nic.in Phone-(06758)242100

### ସର୍ବସାଧାରଣ ଇସ୍ତାହାର

ଏତଦ୍ୱାରା ମୌଜା- ଷଡାଙ୍ଗୋଇ, ଥାନା- ଡେଲାଙ୍ଗ, ଜିଲ୍ଲା-ପୁରୀର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡିଶା ସରକାର( School & Mass Education Department, Govt. of Odihsa)ଙ୍କ ଅଧିନସ୍ଥ ଜିଲ୍ଲା ଶିକ୍ଷ ଅଧିକାରୀ କାର୍ଯ୍ୟାଳୟ , ପୁରୀ (District Education Office, Puri) ନିମ୍ନଲିଖିତ ତଫସିଲ ବୃତ୍ତି ଭୁକ୍ତ ସରକାରୀ ଜମି କୁ "**ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡିଶା ସରକାର ମାର୍ଫତ ଷଡାଙ୍ଗୋଇ ଉଚ୍ଚ ବିଦ୍ୟାଳୟ**" ନାମରେ ନାମିତ ନିମନ୍ତେ ରେକର୍ଡ କରିବା ପାଇଁ ବନ୍ଦୋବସ୍ତ ମଞ୍ଜୁର ନିମନ୍ତେ ଦରଖାସ୍ତ କରିଅଛନ୍ତି । ଉକ୍ତ ବୃତ୍ତିଭୁକ୍ତ ସରକାରୀ ଜମି ରକ୍ଷିତ ଖାତା ଭୁକ୍ତ ଥାଇ କିସମ "ଘରବାରୀ" ହୋଇ ଥିବାରୁ ଏହକୁ ସଂରକ୍ଷଣ ମୁକ୍ତ କରାଯାଇ ଉକ୍ତ ମୌଜାର ଆବାଦ ଯୋଗ୍ୟ ଅନାବାଦୀ ଖାତା କୁ ପରିବର୍ତ୍ତନ କରିବାପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ପୁରୀ କୁ ପ୍ରେରଣ କରାଯିବାକୁ ବିଚାର କରାଯାଉଛି । ତେଣୁ ଏହି ଜମି ର ସତ୍ତ୍ୱ ପରିବର୍ତ୍ତନ ବାବଦ ରେ ଯଦି କୌଣସି ବ୍ୟକ୍ତି ବିଶେଷଙ୍କର କିଛି ଆପତ୍ତି ଅଭିଯୋଗ ଥାଏ, ତେବେ ଏହି ଇସ୍ତାହାର ଜାରି ହେବାର ୧୫ (ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟରେ ଲିଖିତ ଅଭିଯୋଗ ଦାଖଲ କଲେ ତାହା ବିଚାର କୁ ନିଆଯିବ । ଧାର୍ଯ୍ୟ ସମୟଗତେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ ନାହିଁ।

#### ତଫସିଲ ବୃତ୍ତି

| ମୌଜା | ଖାତା ନଂ | ପ୍ଲଟ ନଂ | ଏରିଆ | କିସମ |
|---|---|---|---|---|
| ଷଡାଙ୍ଗୋଇ | ୬୮୨ (ରକ୍ଷିତ) | ୧୫୬୮ | ଏ ୦.୯୫ ଡି. | ଘରବାରି |

ସନ୍ତୋଷିନି ଦାଶ
ତହସିଲଦାର, ଡେଲାଙ୍ଗ
Tahasildar
Delang

ସ୍ମାରକ ସଂଖ୍ୟା ୭୪ /ତାରିଖ 09/01/2024

ଉକ୍ତ ସର୍ବସାଧାରଣ ଇସ୍ତାହାରର ପ୍ରତିଲିପି ସମ୍ପୃକ୍ତ ମୌଜା- ଷଡାଙ୍ଗୋଇ, ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ଷଡାଙ୍ଗୋଇ, ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଡେଲାଙ୍ଗ, ତହସିଲ କାର୍ଯ୍ୟାଳୟ ଡେଲାଙ୍ଗ ଓ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ, ଷଡାଙ୍ଗୋଇଙ୍କ ବିଜ୍ଞାପନ ଫଳକରେ ଲଟକାଇବା ସହ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ସନ୍ତୋଷିନି ଦାଶ
ତହସିଲଦାର, ଡେଲାଙ୍ଗ
Tahasildar
Delang